## ସଂକ୍ଷେପରେ

### ଭଣଜା ବାହାଘର ଶୋଭାଯାତ୍ରାରେ ଗଣ୍ଡଗୋଳ, ମାମୁ ମୃତ

ରାଇରଙ୍ଗପୁର,୧୬।୭(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ତିରିଂ ଥାନା ଅନ୍ତର୍ଗତ ବଡ଼ ନାରାୟଣୀ ପଞ୍ଚାୟତ ଅଞ୍ଚଳରେ ଶନିବାର ରାତିରେ ବିବାହ ଶୋଭାଯାତ୍ରା ଚାଲିଥିବା ବେଳେ ଗଣ୍ଡଗୋଳ ଘଟି ବରର ଜଣେ ସମ୍ପର୍କୀୟ ମାମୁଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଇରଙ୍ଗପୁର ଟାଉନ ଥାନା ଅଧୀନ ପାତେପାଣି ଗ୍ରାମର ବାଲିଆ ହେମ୍ବ୍ରମ (୪୦)। ମୃତକଙ୍କ ସମ୍ପର୍କୀୟ ଭାଇ ବାଲିଆ ମାଝୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୯୪/୨୩) ରୁଜୁ କରି ଅଭିଯୁକ୍ତ ଲାଣ୍ଡୁରା ହାଁସଦାଙ୍କୁ ଗିରଫ କରିଛି। ତାଙ୍କ ଘର ପାତେପାଣି ଗ୍ରାମରେ। ଉଭୟେ ବରଯାତ୍ରୀ ଭାବେ ଯାଇଥିଲେ।

### ରାଜନୈତିକ ହିଂସାକାଣ୍ଡ: ଆକ୍ରମଣରେ ଯୁବକ ଗୁରୁତର

କୋଡ଼ପଡ଼ା, ୧୬।୭ (ରଞ୍ଜିତ୍ କୁମାର ରଣା)-କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ଅଧୀନ ୨୦ନଂ. ଜାତୀୟ ରାଜପଥର ଗୋହିରାସ୍ଥିତ ଏକ ଢାବା ନିକଟରେ ଶୁକ୍ରବାର ରାତିରେ ରାଜନୈତିକ ହିଂସାକାଣ୍ଡ ଘଟିଛି। ପୂର୍ବଶତ୍ରୁତାକୁ ନେଇ ଶାସକ ଦଳର ନେତାଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ଏବେ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଗୁରୁତର ଯୁବକ ହେଲେ ପଦ୍ମପୁର ଗ୍ରାମର ଅକ୍ଷୟ କୁମାର ସାମଲ। ଏହି ଘଟଣାକୁ ନେଇ ଅକ୍ଷୟ ଘସିପୁରା ଥାନାରେ ଶାସକ ଦଳର ଜଣେ ଯୁବନେତାଙ୍କ ସମେତ ପୂର୍ବତନ ନଗର ସଭାପତି ଓ ସହଯୋଗୀଙ୍କ ନାମରେ ଏତଲା ଦେଇଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୨୩୫/୨୩) ମାମଲା ରୁଜୁ କରିଛି। ଅପରପକ୍ଷରୁ ରମାକାନ୍ତ ବେହେରାଙ୍କ ଅଭିଯୋଗକ୍ରମେ ଅକ୍ଷୟଙ୍କ ନାମରେ ଅନ୍ୟ ଏକ ମାମଲା (ନଂ.୨୩୪/୨୩) ରୁଜୁ ହୋଇଥିବା ଘସିପୁରା ଥାନାର ଭାରପ୍ରାପ୍ତ ଅଧିକାରୀ ବିକ୍ରମ ଭୂୟାଁ କହିଛନ୍ତି।

ଅକ୍ଷୟଙ୍କ ଅଭିଯୋଗ ଅନୁଯାୟୀ, ସେ ଓ ତାଙ୍କ ସାଙ୍ଗମାନେ ଶୁକ୍ରବାର ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିଲେ। ତାଙ୍କ ସାଙ୍ଗମାନେ ଉକ୍ତ ଢାବାକୁ ଖାଇବାକୁ ଯାଇଥିବା ବେଳେ ସେ ନିଜ ଗାଡ଼ିରେ ବସି ରହିଥିଲେ। ଢାବାକୁ ଶାସକ ଦଳର ଯୁବନେତାଙ୍କ ସହ ଅନ୍ୟ ସହଯୋଗୀ ଖାଇବାକୁ ଆସିଥିଲେ। ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କ ସହ ଗଣ୍ଡଗୋଳ କରି ଗାଲିଗୁଲଜ କରିବା ସହିତ ଯୁବନେତା ଜଣକ ଏକ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଯୁବନେତାଙ୍କ ସହଯୋଗୀମାନେ ମଧ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ, ଆଖି ସହ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ବେଳେ ସେ ପିନ୍ଧିଥିବା ୩୦ହଜାର ଟଙ୍କାର ବ୍ରେସ୍‌ଲେଟ ଓ ୫ହଜାର ଟଙ୍କାର ଏକ ଘଣ୍ଟା ନେଇଯାଇଛନ୍ତି। ମୁମୂର୍ଷୁ ଅବସ୍ଥାରେ ଅକ୍ଷୟ ଘସିପୁରା ପୋଲିସକୁ ଫୋନ କରିଥିଲେ। ପୋଲିସ ପହଞ୍ଚିବା ପରେ ସମସ୍ତେ ଛତ୍ରଭଙ୍ଗ ଦେଇଥିବା ବେଳେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ଅତିଥି ଅଧ୍ୟାପକରେ ଚାଲିଛି ଶିକ୍ଷାଦାନ

**ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**
- ନାହାନ୍ତି ସ୍ଥାୟୀ ଅଧକ୍ଷ, ଅଧ୍ୟାପକ
- ସପ୍ତାହକୁ ୨ ଦିନ ହେଉଛି ପାଠପଢ଼ା
- ସୀମାନ୍ତରେ ଶିକ୍ଷାକୁ ଅଣଦେଖା ଅଭିଯୋଗ

ମୋରଡ଼ା,୧୬।୭(ସ୍ମାରକ ମାଜୀ)

ରାଜ୍ୟ ସରକାର ୫-ଟି ଜରିଆରେ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଉନ୍ନତୀକରଣ କରୁଛନ୍ତି। ଶିକ୍ଷା ପ୍ରତି ପିଲାଙ୍କୁ ଆକର୍ଷିତ କରିବା ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ୍‌ର ଅଁଳାକୁଡ଼ା ପଞ୍ଚାୟତର ଚକଶୁଳିଆପଦାରେ ଥିବା ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିନା ଅଧ୍ୟାପକରେ ଶିକ୍ଷା ବ୍ୟବସ୍ଥା ଚାଲିଛି। ମହାବିଦ୍ୟାଳୟଟି ପଶ୍ଚିମବଙ୍ଗ ସୀମାନ୍ତରେ ଥିବାରୁ ଶିକ୍ଷା ବ୍ୟବସ୍ଥା ଉପରେ ସରକାରଙ୍କ ନଜର ପଡୁନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୧୯୮୮ରେ ପ୍ରତିଷ୍ଠା ହୋଇଥିବା ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ପାଠ୍ୟକ୍ରମ ଖୋଲାଯାଇଛି। ବର୍ତ୍ତମାନ +୨କଳା ଦ୍ୱିତୀୟ ବର୍ଷରେ ୧୨୮ ଛାତ୍ରୀଛାତ୍ର




ଉତ୍କଳ ବନାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

ଅଧ୍ୟୟନରତ। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୯୮ ଜଣ ଛାତ୍ରୀଛାତ୍ର ନାମ ଲେଖାଇ ସାରିଲେଣି। ତେବେ ପରିତାପର ବିଷୟ ବର୍ତ୍ତମାନ ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଦୌ ଅଧ୍ୟାପକ, ଅଧକ୍ଷ ନାହାନ୍ତି। ବ୍ଲକ୍‌ର ମହାବିଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ସପ୍ତାହରେ ଦିନେ, ୨ଦିନ ଏଠାକୁ ଆସି କାର୍ଯ୍ୟ କରନ୍ତି। ବିଦ୍ୟାଳୟରେ ସମସ୍ତ ବିଭାଗ ଯଥା ଓଡ଼ିଆ, ଇଂରାଜୀ ସାହିତ୍ୟ, ଇତିହାସ, ଅର୍ଥନୀତି, ରାଜନୀତି, ତର୍କ ବିଜ୍ଞାନରେ ନିମନ୍ତ୍ରିତ ଅଧ୍ୟାପକମାନଙ୍କ ଦ୍ୱାରା ସପ୍ତାହରେ ୨ରୁ ୩ ଦିନ ପାଠପଢ଼ା ଚାଲିଛି। ସେହିପରି କିରାଣି ପଦ ଫାଙ୍କା ଥିବାରୁ ଅଫିସ କାର୍ଯ୍ୟ ଖେଳ ଶିକ୍ଷକ ସୁଜିତ ଦାସ, ସହକାରୀ ଲାଇବ୍ରେରିଆନ କମଳଲୋଚନ ସେନାପତି, ପିଅନ ଲକ୍ଷ୍ମଣ ହାଁସଦା କରୁଛନ୍ତି। ୱାଚ୍‌ମ୍ୟାନ ଧରଣୀ ସେଠୀ, ସୁଇପର ସଚିନ କୁମାର ସାଉ ମଧ ସହଯୋଗ କରନ୍ତି। ଏନେଇ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ସୁମିତା ହାଁସଦା, ଛାତ୍ର ସାଇନିନାତ ବେହେରା କୁହନ୍ତି, ଚଳିତ ଶିକ୍ଷା ବର୍ଷ ଅଧା ଅତିକ୍ରମ କରିଥିବା ବେଳେ ପାଠପଢ଼ା ହୋଇନାହିଁ। ଫଳରେ କିପରି ବୋର୍ଡ ପରୀକ୍ଷା ଦେବେ ସେନେଇ ଚିନ୍ତା ପ୍ରକଟ କରିଛନ୍ତି। ଯଥାଶୀଘ୍ର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ପାଇଁ ଦାବି କରାଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉତ୍ତର ଓଡ଼ିଶା ଜୋନ୍ କାଉନ୍‌ସିଲର ଜୟଦେବ ପରମାଣିକ କହିଛନ୍ତି, ପୂର୍ବରୁ ସମସ୍ୟା ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗ ଓ ଉପଜିଲାପାଳଙ୍କୁ ଅବଗତ କରାଯାଇଛି। ଏ ନେଇ ପୁଣି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ସେ କହିଥିଲେ।

# ବିଜେଡିରେ ମିଶିଲେ ଅନ୍ୟଦଳର ନେତା, କର୍ମୀ



ବିଜେଡିରେ ଯୋଗଦେଇଥିବା ଅନ୍ୟଦଳର ନେତା ଓ କର୍ମୀ।

ବାଲେଶ୍ୱର, ୧୬।୭ (ମାନସ ବିଶ୍ୱାଳ)

ବାଲେଶ୍ୱର ଷ୍ଟେଶନ କ୍ଲବ ପରିସରରେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେଡି ପକ୍ଷରୁ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସୁଶାସନରେ ଅନୁପ୍ରାଣିତ ହୋଇ ଭାଜପା ଓ କଂଗ୍ରେସ ଦଳର ଶତାଧିକ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ସେମାନଙ୍କୁ ସ୍ୱାଗତ କରି ନୂତନ ନେତୃବୃନ୍ଦଙ୍କ ଯୋଗଦାନ ଯୋଗୁ ବିଜେଡି ବାଲେଶ୍ୱର ସହରରେ ମଜଭୁତ ହେବା ସହ ଅଧିକରୁ ଅଧିକ ସଙ୍ଗଠିତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।

ମିଶ୍ରଣ ପର୍ବରେ ବିଜେଡି ଟାଉନ ସଭାପତି ସନତ ଦାସ ସଭାପତିତ୍ୱ କରିଥିଲେ। ୧୧ନଂ. ୱାର୍ଡ଼ର କଂଗ୍ରେସ ନେତା ଅଶୋକ ଆଢ଼୍ୟ, ୨୩ନଂ. ୱାର୍ଡ଼ର ଭାଜପା ନେତା ରାଜେଶ ରଣା, ସ୍ୱୟଂପ୍ରଭା ମହାରଣା, ପ୍ରିୟବ୍ରତ ବେହେରା, ୨୨ନଂ. ୱାର୍ଡ଼ର କ୍ରିଷ୍ଣା ଦାସ, ୩୧ନଂ. ୱାର୍ଡ଼ର ଭାଜପା ନେତା ସରୋଜ ବାରିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ବରିଷ୍ଠ ବିଜେଡି ନେତା ରଞ୍ଜନ ବାଗ, ପୌର ଉପାଧକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ପୌର ଉପାଧକ୍ଷ ମନୋଜ ରାଉତ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ସେକ ଅନସର, ରାଜ୍ୟ ବିଜୁ ମହିଳା ଜନତା ଦଳ ସମ୍ପାଦିକା ଦୀପାରାଣୀ ସାହୁ, କାଉନସିଲର ଶଶୀରେଖା ମହାନ୍ତି, ସନ୍ଧ୍ୟାରାଣୀ ଜେନା, ସବିତା ଦାସ, ସେକ ଆୟୁବ, କାର୍ତ୍ତିକ ସାହୁ, ସଦର ବ୍ଲକ ଯୁବ ସଭାପତି ଦିଲ୍ଲୀପ ମହାନ୍ତି, ଯୁବ ବିଜେଡିର ଜୋନାଲ ସାଧାରଣ ସମ୍ପାଦକ ଧିରେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ‘ମୋଦି ସରକାରରେ ଗରିବ କଲ୍ୟାଣ ମୂଳମନ୍ତ୍ର’



ସଭାରେ ଭାଜପା ନେତୃବୃନ୍ଦ।

**ଭାଜପାର ଜନସମ୍ପର୍କ ଯାତ୍ରା**

ଯୋଡ଼ା,୧୬।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଜରିବାହାଲ ଓ ଯୋଡ଼ା କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ଜନସମ୍ପର୍କ ଯାତ୍ରା ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜରିବାହାଲଠାରେ ହୋଇଥିବା ସଭାରେ ଭାଜପା ନମାମି ଗଙ୍ଗେର ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇ ବିଜେଡି ସରକାରର ବିଫଳତା ଏବଂ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ଅପାରଗତା ଯୋଗୁ ଅଞ୍ଚଳର ବିକାଶ ହୋଇପାରୁ ନାହିଁ ବୋଲି କହିଥିଲେ। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ଉପସଭାପତି ରାଧାକାନ୍ତ ମହାନ୍ତ ଅଞ୍ଚଳର ବିକାଶଧାରାକୁ ବରିଷ୍ଠ ନେତା ମୁରଲୀ ଶର୍ମାଙ୍କ ନେତୃତ୍ୱରେ ଆଗକୁ ନେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ଅନିୟମିତତା କରିଥିବା ଏବଂ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ କାର୍ଯ୍ୟକାରୀ କରୁ ନ ଥିବା କହି ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜନସମ୍ପର୍କ ଯାତ୍ରା କରାଯାଉଥିବା ଏବଂ ମୋଦି ସରକାରରେ ଗରିବ କଲ୍ୟାଣ ହିଁ ମୂଳମନ୍ତ୍ର ବୋଲି ବରିଷ୍ଠ ନେତା ଶର୍ମା କହିଥିଲେ।

ସେହିପରି ଯୋଡ଼ା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ନଗର ଭାଜପା ସଭାପତି ସୁଶାନ୍ତ କୁମାର ବେବର୍ତ୍ତା, ମଣ୍ଡଳ ସଭାପତି ପାର୍ଥସାରଥି ଷଡ଼ଙ୍ଗୀ, ଅନନ୍ତ ଟୁଡୁ, ଜିଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ଯୋଡ଼ା ପୌରପାଳିକା କାଉନସିଲର ରଶ୍ମିତା ପାଣିଗ୍ରାହୀ, ଗଣେଶ ମୋଦି, ପୂଜା ସିଂ ଆଲଦା, ଦୀପ୍ତି ରଞ୍ଜନ ବେହେରାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ମହିଳା ନେତ୍ରୀ ସ୍ୱପ୍ନା ସାହୁ, ଭାଜପାର ଆଦିବାସୀ ନେତ୍ରୀ ସୋମବାରି ମୁଣ୍ଡା, ମହିଳା ନେତ୍ରୀ ଶ୍ରଦ୍ଧାଞ୍ଜଳି କର, ଦେବୀ ପ୍ରସାଦ ମିଶ୍ର, ସୁବ୍ରତ ମହାନ୍ତି, ରାଜେଶ କୁମାର ଆଚାର୍ଯ୍ୟ, ହେମନ୍ତ କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ସୋର, ୧୬।୭(ଜନ୍ମେଜୟ ମିଶ୍ର)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ଅଧକ୍ଷ ଗଜେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ଡ. ରବିନାରାୟଣ ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭା ଆରମ୍ଭରେ ଅଧକ୍ଷ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ରତ୍ନାକର ମୁଦୁଲି ଅତିଥି ପରିଚୟ ପ୍ରଦାନ କରଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲ। ଅଧ୍ୟାପକ ମାନସ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟକ୍ରମ ପରେ ବିଧାୟକ ଧଡ଼ା ନୂତନ ଭାବେ ନିର୍ମିତ ହୋଇଥିବା ମଞ୍ଚମାୟାକୁ ଉଦ୍‌ଘାଟନ କରିଥିଲେ। ସେଠାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, ପ୍ରାଧ୍ୟାପିକା, ପ୍ରାଧ୍ୟାପକଙ୍କ ସମେତ ସମସ୍ତ ଶିକ୍ଷା କର୍ମଚାରୀ, ଅଣଶିକ୍ଷା କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଟିଫିନ୍ ପେ’ ଚର୍ଚ୍ଚା ବୈଠକରେ ଆଗାମୀ ରଣନୀତି ପ୍ରସ୍ତୁତ

ବାଲେଶ୍ୱର, ୧୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଜିଲା ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ଟିଫିନ୍ ପେ’ ଚର୍ଚ୍ଚା ବୈଠକ ରବିବାର ଶୁଭାରମ୍ଭ ହୋଇଛି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରି ବୈଠକର ଗୁରୁତ୍ୱ ଉପରେ କହିଥିଲେ। ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରି ଆଗାମୀ ଦିନରେ ନିୟମିତ ସମୟ ଅନ୍ତରାଳରେ ଏ ପ୍ରକାର ବୈଠକ ଜିଲାରେ ଆୟୋଜିତ ହେବ ବୋଲି ସୂଚନା ଦେଇଥିଲେ। ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ପରିଚାଳନା କରିଥିଲେ। ରଣନୀତି ପ୍ରସ୍ତୁତ କରିବା ସହିତ ଆଗାମୀ ଯୋଜନା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପରେ ସମସ୍ତ କାର୍ଯ୍ୟକର୍ତ୍ତା ନିଜ ଘରୁ ଆଣିଥିବା ଜଳଖିଆ ଆଦାନପ୍ରଦାନ କରି ଖାଇଥିଲେ। ବୈଠକରେ ପୂର୍ବତନ ବିଧାୟକ ଜୀବନପ୍ରଦୀପ ଦାଶ, ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ମହିଳାମୋର୍ଚ୍ଚା ଉପସଭାନେତ୍ରୀ ସୁଷମାରାଣୀ ବିଶ୍ୱାଳ, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଜିଲା ଉପସଭାପତି କମଳା ବିନ୍ଧାଣୀ, କମଳଲୋଚନ ଦାସ ଓ ମୀନାକ୍ଷୀ ମହାପାତ୍ର, ଜିଲା ସମ୍ପାଦକ ଆଶିଷ ଘୋଷ, ମହିଳାନେତ୍ରୀ ମମତା ମହାପାତ୍ର, ସିପ୍ରା ମହାପାତ୍ର, ଅଭିନେତ୍ରୀ ଜିନା, ନଗର ସାଧାରଣ ସମ୍ପାଦକ ଜୋଗେନ ଚନ୍ଦ୍ର ରଣା ପ୍ରମୁଖ ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ନାରାୟଣ ମହନ୍ତ ଧନ୍ୟବାଦ ଦେଇଥିଲେ।



ବୈଠକରେ ଏମ୍‌ପିଙ୍କ ସମେତ ସମସ୍ତେ ଜଳଖିଆ ଖାଉଛନ୍ତି।

# କୀଚକେଶ୍ୱରୀ ମନ୍ଦିର ଉନ୍ନତି ଦାବିରେ କରଞ୍ଜିଆ ବନ୍ଦ ଚେତାବନୀ

**କରଞ୍ଜିଆ,୧୬।୭(କବିତା ମହାନ୍ତ):** ମୟୂରଭଞ୍ଜର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥିତ ମା’ କୀଚକେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ କରଞ୍ଜିଆ ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରେସକ୍ଲବର ସମ୍ପାଦକ କର୍ଣ୍ଣାର୍ଜୁନ ସାହା ସଭାପତିତ୍ୱ କରିଥିଲେ। ସରକାର ରାଜ୍ୟର ସମସ୍ତ ଧର୍ମାନୁଷ୍ଠାନର ବିକାଶ ନିମନ୍ତେ ବ୍ୟାପକ ଅର୍ଥ ବିନିଯୋଗ କରୁଥିବା ବେଳେ ଖିଚିଂ ପାଇଁ ଆଦୌ ପଦକ୍ଷେପ ନ ନେବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏଥିସହ କୀଚକେଶ୍ୱରୀଙ୍କ ପାର୍ଶ୍ୱ ଦେବାଦେବୀ ମନ୍ଦିରଗୁଡ଼ିକ ଭଗ୍ନ ଅବସ୍ଥାରେ ଥିବା, ମନ୍ଦିର ସଂଗ୍ରହାଳୟର ଦୁରବସ୍ଥା ଏବଂ ପାରିପାର୍ଶ୍ୱିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ଅଗଷ୍ଟ ୧୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୧ ତାରିଖରେ କରଞ୍ଜିଆ ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ କଳିଙ୍ଗ କେଶରୀ ଜେନା, ଦକ୍ଷିଣା ମହାନ୍ତ, କିଚକେଶ୍ୱରୀଙ୍କ ପୂଜକ ଦିଲ୍ଲୀପ ପାଣିଗ୍ରାହୀ, ପରିଛା ଅଜୟ କୁମାର ସାହୁ, ଶୁକ୍ଳି ଜିଲା ପରିଷଦ ସଭ୍ୟ ବିକାଶ କୁମାର ସି, ନଗେନ ପାଲ, ଗିରିଧାରୀ ପୃଷ୍ଟି, ଗୋପାଳ ଅଗ୍ରୱାଲ, ବରିଷ୍ଠ ଅଧିବକ୍ତା ବିଶ୍ୱଜିତ ଚୌଧୁରୀ, ଭୁବନ ବିହାରୀ ସାହୁ, ଚନ୍ଦ୍ରକୁମାର ଲଳିତେନ୍ଦୁ ଦାସ, ରାକେଶ କୁମାର ଅଗ୍ରୱାଲ, ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ସମାରୋହ

ଭଦ୍ରକ,୧୬।୭ (ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ରବିବାର ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ସମାରୋହ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନିଜ ଜୀବନକୁ ଉତ୍ସର୍ଗୀକୃତ କରି ପ୍ରଜା ଆନ୍ଦୋଳନରେ ସାମିଲ ହୋଇଥିଲେ। କନିକା ରାଜାଙ୍କ ଅତ୍ୟାଚାର ଚରମସୀମାରେ ପହଞ୍ଚିଥିଲା। ଚକ୍ରଧର କନିକାବାସୀଙ୍କ ପାଇଁ ସଂଗ୍ରାମ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିଥିଲେ। ନିଃସ୍ୱାର୍ଥପର ସେବା ଓ ତ୍ୟାଗ ତାଙ୍କୁ ସଚ୍ଚା ବିପ୍ଳବୀ ଭାବେ କାଳଜୟୀ କରିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ମାନିତ ଅତିଥି ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ମୁଖ୍ୟବକ୍ତା ଶିକ୍ଷାବିତ୍ ବଳରାମ ମିଶ୍ର ଏବଂ ସମ୍ମାନିତ ବକ୍ତା ଭାବେ ଡ. ହରିହର ପଣ୍ଡା, ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସ୍ମୃତି କମିଟି ସମ୍ପାଦିକା ଶାନ୍ତିଲତା ନାଗ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ନାଟ୍ୟଶ୍ରୀ ନିର୍ମଳ ରାଉତ। ସ୍ମୃତି କମିଟି ପକ୍ଷରୁ ବିଚିତ୍ରାନନ୍ଦ ଦାସ, ପ୍ରଦୀପ ପଲେଇ, ଉପେନ୍ଦ୍ର ବାରିକ, ସନାତନ ଦାସ ଓ ରାଜେନ୍ଦ୍ର ବାରିକ ସଂଯୋଜନା କରିଥିଲେ। କବୟିତ୍ରୀ ମନୋରମା ରାୟ, ସଂଯୁକ୍ତା ବଳ ନାୟକ, ରାଜଲକ୍ଷ୍ମୀ ବାରିକ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜମ୍ବୁବତୀ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ସାହିତ୍ୟିକ ବିଜୟ ବହଳି, ଡ. ରାମଚନ୍ଦ୍ର ପଣ୍ଡା, କୈଳାସ ଚନ୍ଦ୍ର ପଣ୍ଡା, ରମେଶ ଦାସ, ଅଧ୍ୟାପକ ନିହାର ରଞ୍ଜନ କର, କଳାକାର ସଂଘ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।



ସମାରୋହରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଯୁବପିଢ଼ି ସାହିତ୍ୟ ସହ ଯୋଡ଼ି ହେବାକୁ ପରାମର୍ଶ

ଖଇରା, ୧୬।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ଖଇରା ଦୁର୍ଗାମଣ୍ଡପରେ ରବିବାର ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାୟାଧର ନାୟକ ପୌରୋହିତ୍ୟ କରିଥିଲେ। ସମ୍ପାଦକ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ପାଲା ଗାୟକ ହରିହର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ଷାର ସ୍ପର୍ଶରେ ଧରଣୀରାଣୀ ପଲ୍ଲବିତ ହୋଇ କବିର ଲେଖନୀରେ ନୂଆ ସମ୍ଭାର ଭରିଦେଇଥାଏ ବୋଲି ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଯୁବପିଢି ସାହିତ୍ୟ ସହ ଯୋଡି ହେବାକୁ ପରାମର୍ଶ ଦେଇଥିଲେ। ପରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ରୀତାରାଣୀ ଦାସ ଓ ଅନନ୍ତ ଉପାଧ୍ୟାୟ କବିତାଗୁଡ଼ିକର ସଂଯୋଜନା କରିଥିଲେ। ଚିନ୍ତାମଣି ସାହାଣୀ ସମୀକ୍ଷା କରିଥିଲେ। ଦେବେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଭିରାମ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କବିତା ଆସରରେ କବି ଓ ସାହିତ୍ୟିକ।

# ଯୋଗ୍ୟ ହୋଇ ବି ମିଳିଲାନି ଆବାସ

**ଅଯୋଗ୍ୟ ହାତଉଛନ୍ତି**

ତିହିଡି,୧୬।୭(ସଞ୍ଜିତ ବଳ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ ଘର ଯୋଗାଇ ଦିଆଯିବା ସହ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଥମ କିସ୍ତି ଟଙ୍କା ମଧ ମିଳିସାରିଛି। ଅଯୋଗ୍ୟମାନେ ଘର ହାତେଇ ନେଉଥିବା ବେଳେ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ପ୍ରଧାନମନ୍ତ୍ରୀ ଆବାସ ପାଇବାରୁ ବାଦ୍ ପଡ଼ିଛନ୍ତି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତ ବଉଳପାଳ ଗ୍ରାମର ପ୍ରତାପ ଦୀକ୍ଷିତ। ଯୋଗ୍ୟ ହୋଇ ମଧ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିପାରି ନାହିଁ। ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଆବେଦନ କରିବା ପରେ ବି ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି।

ପ୍ରତାପ କହନ୍ତି, ସ୍ତ୍ରୀ, ଝିଅ ପୁଅଙ୍କ ସହ ବିଧବା ଭଉଣୀଙ୍କୁ ନେଇ ତାଙ୍କ ପରିବାର। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। କୋଲକାତାରେ ଜଣେ ଦିନ ମଜୁରିଆ ଭାବେ ସେ କାମ କରନ୍ତି। ଯାହା କିଛି ରୋଜଗାର ହୁଏ ସେଥିରେ ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସହ ପରିବାର ଚଳାଇବାକୁ ନିଅଣ୍ଟ ହେଉଛି। ତାଙ୍କର କିଛି ଜମି ଥିଲେ ମଧ ସେ ବାହାରେ ରହୁଥିବାରୁ ଜମି ପଡ଼ିଆ ପଡୁଛି। ଏହି ଅଭାବ ଅସୁବିଧା କାରଣରୁ ରହୁଥିବା ଚାଳଘର ପ୍ରତିବର୍ଷ ଛପର କରିବା ସମ୍ଭବ ହେଉନାହିଁ। ପକ୍କାଘର ପାଇଁ ବାରମ୍ବାର ଆବେଦନ କରିବା ସତ୍ତ୍ୱେ ତାଙ୍କ ନାଁ ପ୍ରଧାନମନ୍ତ୍ରୀ ଆବାସ ତାଲିକାଭୁକ୍ତ ହୋଇନାହିଁ। ଏନେଇ ସେ ବିଭିନ୍ନ ସମୟରେ ବିଡିଓଙ୍କ ଦ୍ୱାରସ୍ଥ ହୋଇ ମଧ ସୁଫଳ ପାଇନାହାନ୍ତି। ସରକାରଙ୍କ ପକ୍ଷରୁ ସମସ୍ତଙ୍କୁ ପକ୍କାଘରର ନାରାବାଜି ଦିଆଯାଉଥିବା ବେଳେ ତାଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଗଲେ ଦୁଃଖ ଲାଘବ ହୁଅନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଜ୍ୟୋତିର୍ମୟ କର କହିଛନ୍ତି, ଏହି ଯୋଜନାରେ ଅଗ୍ରାଧିକାର ତାଲିକାରେ ତାଙ୍କ ନାଁ ନ ଥିବାରୁ ଆବାସ ମିଳିପାରି ନାହିଁ। ତେବେ ଏ ଦିଗରେ ପଦକ୍ଷେପ ନିଆଯିବ।



ସ୍ତ୍ରୀଙ୍କ ସହ ପ୍ରତାପ ଦୀକ୍ଷିତ।

## ସଂକ୍ଷେପରେ

### ଜଙ୍ଗଲରୁ ମିଳିଲା ନିଖୋଜ ଯୁବତୀଙ୍କ ମୃତଦେହ

ବଡ଼ବିଲ,୧୬।୭ (ଦେବପ୍ରିୟ ରଣା)- କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଟାଙ୍ଗୁରା ଜଙ୍ଗଲରୁ ରବିବାର ସକାଳେ ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବତୀ ହେଲେ ଅଁଶେଇକଳା ପଞ୍ଚାୟତ କୋହ୍ଲ ହୁଣ୍ଡୁଳା ଗ୍ରାମର ଲେମ୍ଵ ମୁଣ୍ଡା(୩୭)। ଗତ ଗୁରୁବାରଠାରୁ ସେ ନିଖୋଜ ଥିଲେ। ତାଙ୍କ ଭାଇ ବନାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବାପା ବୀରା ମୁଣ୍ଡାଙ୍କ ମୃତ୍ୟୁ ପରେ ଅବିବାହିତ ଲେମ୍ଵ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଦୈନିକ ସେ କୋହ୍ଲ ହୁଣ୍ଡୁଳା ଗ୍ରାମରୁ ଝାଡ଼ଖଣ୍ଡ ବଡାଜାମଦାକୁ କାମ କରିବାକୁ ଯାଇଥାନ୍ତି। ଗତ ଗୁରୁବାର ମଧ ସେ ବଡାଜାମଦା ଅଭିମୁଖେ ବାହାରି ଯାଇଥିଲେ। ଆଉ ଘରକୁ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ରବିବାର ତାଙ୍କ ଗଳିତ ମୃତଦେହ ମିଳିଥିବା ବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବଡ଼ବିଲ ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୧/୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

### ଓଲଟିଲା ନାସ୍‌ପାତି ବୋଝେଇ ଟ୍ରକ୍

କୁଲିଅଣା,୧୬।୭(ଆଦିକନ୍ଦ ସାହୁ)- କୁଲିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ବାଇଗଣବାଡ଼ିଆ ଛକ ନିକଟରେ ଏକ ନାସ୍‌ପାତି ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରବିବାର ଭୋର ସମୟରେ ଦିଲ୍ଲୀରୁ କଟକ ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ରକ୍‌ଟି ରାସ୍ତାପାର୍ଶ୍ୱ ନୟନଯୋରିକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଅଙ୍ଗର ଯାଦବ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ କୁଲିଅଣା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଶତାୟୁଙ୍କ ପରଲୋକ

ଧାମନଗର, ୧୬।୭ (ସନ୍ତୋଷ କୁମାର ମହାପାତ୍ର)-ଭଦ୍ରକ ଜିଲା ଧାମନଗର ବ୍ଲକ



ଅଧୀନ ବୟାଙ୍ଗଡିହି ପଞ୍ଚାୟତ କମାରବନ୍ଧ ଗ୍ରାମର ଶତାୟୁ ପୁରୁଷ କୃଷ୍ଣଚନ୍ଦ୍ର ସ୍ୱାଇଁ(୧୦୪)ଙ୍କ ଶନିବାର ବିଳମ୍ବିତ ରାତିରେ କୁଆଁସସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଖବର ପାଇବା ପରେ ତାଙ୍କ ଜନ୍ମମାଟି କମାରବନ୍ଧ ଗାଁରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବଡ଼ପୁଅ ପ୍ରଫୁଲ୍ଲ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ୪ ଲକ୍ଷ ୬ ହଜାର ହେକ୍ଟର ଜମିରେ ହେବ ଖରିଫ ଫସଲ

## ଜିଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

ବାରିପଦା,୧୬।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)



କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲାରେ ଚଳିତ ବର୍ଷ ଖରିଫ ଫସଲ ଚାଷ ପାଇଁ ଜିଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ଥିବା ଜଳସେଚନ ପ୍ରକଳ୍ପ ଉପର ଉପଯୋଗୀତାକୁ ଆଧାର କରି ଆନୁମାନିକ ମୋଟ ୪ଲକ୍ଷ ୬ହଜାର ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ଧାନ ୨ଲକ୍ଷ ୮୩ ହଜାର ହେକ୍ଟର, ମକା ୪ ହଜାର ୮୫୦ ହେକ୍ଟର, ମାଣ୍ଡିଆ ୩ ହଜାର ୪୦୩ ହେକ୍ଟର, ମାଣ୍ଡିଆ ଜାତୀୟ ୬୨୦ ହେକ୍ଟର, ଡାଲି ଜାତୀୟ ୩୭ ହଜାର ୧୧୩ ହେକ୍ଟର, ତୈଳବୀଜ ୬ ହଜାର ୫୩୫ ହେକ୍ଟର, ତନ୍ତୁ ଜାତୀୟ ୯୧୯ ହେକ୍ଟର, ପନିପରିବା ୫୬ହଜାର ୭୭୮ ହେକ୍ଟର ଓ ମସଲା ଜାତୀୟ ୧୩ ହଜାର ୮୨୪ ହେକ୍ଟର ଜମିରେ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ଚାଷୀଙ୍କୁ ୧୫ ହଜାର ୯୮୬ କୁଇଣ୍ଟାଲ ବିହନ ଓ ୪୩ ହଜାର ୮ଶହ ମେଟ୍ରିକ୍ ଟନ୍ ରସାୟନିକ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି।

ବୈଠକରେ ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ରମାକାନ୍ତ ଗିରି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଦାସ, ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ.ସଂଘମିତ୍ରା ପଟ୍ଟନାୟକ ପ୍ରମୁଖଙ୍କ ସମେତ ଡିଡିଏମ୍ ନାବାର୍ଡ ସ୍ମୃତି ରଞ୍ଜନ ପଟ୍ଟନାୟକ, ଏଲ୍‌ଡିଏମ୍ ଶିବ ପ୍ରସାଦ ଚୌଧୁରୀ, ଜିଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗଦେଇ ଖରିଫ ଫସଲର କାର୍ଯ୍ୟ ଖସଡ଼ା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ଭରଦ୍ୱାଜ ଜିଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଓ କୃଷି ଭିତ୍ତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଆୟୋଜନ କରାଯାଉଥିବା ସମସ୍ତ କର୍ମଶାଳାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, ବଳରାମ ଯୋଜନା ଓ ଫସଲ ବୀମା ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକମାନଙ୍କ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗଗୁଡ଼ିକର ସମନ୍ୱୟରେ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ୩୨ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା)ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ କୃଷି ଅଧିକାରୀ ମଧୁସ୍ମିତା ଜେନା ଓ ସୁଧାଂଶୁ ଶେଖର ପଣ୍ଡା ପରିଚାଳନା କରିଥିଲେ। କୃଷି ଜିଲା ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

**ସାଇବର ଥାନାରେ ଅଭିଯୋଗ**

ରୂପସା, ୧୬।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ପୁଟୁରା ଗ୍ରାମର ଅଜୟ କୁମାର ପାଳଙ୍କ ଏକ ବ୍ୟାଙ୍କ ଆକାଉଣ୍ଟରୁ ୩ହଜାର ୮ଶହ ୬୫ ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗତ ଶନିବାର ସେ ବାଲେଶ୍ୱର ସାଇବର ଥାନାରେ ଲିଖିତ ଏତଲା ଦେଇଛନ୍ତି।

ବାଲେଶ୍ୱର ବନ୍ଧନ ବ୍ୟାଙ୍କରେ ଥିବା ତାଙ୍କ ଆକାଉଣ୍ଟରୁ ଗତ ୭ ତାରିଖରେ ଉକ୍ତ ଟଙ୍କା ଅନ୍ୟ କେହି ଉଠାଣ କରିଥିବା ସେ ପରେ ଜାଣିବାକୁ ପାଇଥିଲେ। ଏନେଇ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଭିଯୋଗ ସମ୍ପର୍କରେ ତଦାରଖ ନ କରି ତାଙ୍କୁ ସାଇବର ଥାନାର ଦ୍ୱାରସ୍ଥ ହେବା ପାଇଁ କହିଥିଲେ।

# ପୌରାଞ୍ଚଳର ବିଭିନ୍ନ ଯୋଜନାର ସମୀକ୍ଷା



ଜାଗା ମିଶନ ଯୋଜନାର ସମୀକ୍ଷା ବୈଠକ।

ବାଲେଶ୍ୱର, ୧୬।୭ (ମାନସ ବିଶ୍ୱାଳ)

**ବାଲେଶ୍ୱରରେ 'ଜାଗା ମିଶନ' ଉପଦେଷ୍ଟା**

ରାଜ୍ୟ ସରକାରଙ୍କ 'ଜାଗା ମିଶନ'ର ଉପଦେଷ୍ଟା ଶାଶ୍ୱତୀ ମିଶ୍ର ବାଲେଶ୍ୱର ଗସ୍ତରେ ଆସି ଯୋଜନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର ରାଜ୍ୟର ଭୂମିହୀନ ପରିବାରକୁ ଜମି ସମ୍ପୂର୍ଣ୍ଣ ମାଗଣାରେ ବଣ୍ଟନ ସହ ଜମିପଟ୍ଟା ପ୍ରଦାନ ଲାଗି ଓଡ଼ିଶା ଜାଗା ମିଶନ ପ୍ରତିଷ୍ଠା କରିଛନ୍ତି। ଯେଉଁମାନଙ୍କ ନିକଟରେ ୩୩୦ ବର୍ଗ କଡ଼ିରୁ ଅଧିକ ଜମି ଜବରଦଖଲରେ ରହିଛି ସେମାନେ ଏ ବବାଦରେ କେତେ ଅର୍ଥ ସରକାରଙ୍କ ତହବିଲରେ ଜମା କରିବେ ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ।

ବାଲେଶ୍ୱର ସର୍କିଟ ହାଉସ ପରିସରରେ ଆୟୋଜିତ ବୈଠକରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଜାଗା ମିଶନ ଯୋଜନାର ଉଦ୍ଦେଶ୍ୟ ଏବଂ କେଉଁଭଳି ଲୋକଙ୍କୁ ସରକାର ଜାଗା ଯୋଗାଇ ଦେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ଜାଗା ମିଶନ ମାଧ୍ୟମରେ ହଜାର ହଜାର ଭୂମିହୀନ ପରିବାରକୁ ଜମି ପଟ୍ଟା ପ୍ରଦାନ କରାଯାଇଛି ଏବଂ ଏହି ଯୋଜନା ଦ୍ୱାରା ଅନେକ ଲୋକ ପକ୍କା ଘର ନିର୍ମାଣ କରିପାରିଛନ୍ତି ବୋଲି କହିଥିଲେ। ବୈଠକରେ ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ମୀନା ମହାନ୍ତି, କବିତା ମୁର୍ମୁ, ଶଶୀରେଖା ମହାନ୍ତି, ସବିତା ଦାସ, ସେକ ଆୟୁବ, କାର୍ତ୍ତିକ ସାହୁ, ଶୋଭା ମହାପାତ୍ର, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ମୀତା ପଟ୍ଟନାୟକ, ମିରାଜ ବାନୋ, ଜୟଶ୍ରୀ ବିଶ୍ୱାଳ, ସୁନିଆ ମୁର୍ମୁ, ରୁବିତା ଦାସ, ପୂର୍ବତନ କାଉନସିଲର ସଞ୍ଜୟ ବେହେରା, କୈଳାସ ବିହାରୀ ଦାଶ, ରମେଶ ଦାସ, ଦେବାଶିଷ ଦାଶ, ସେକ ଭାନୁ, ଅଶୋକ ଦାସ, ବାଲେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବନେତା ସେକ୍ ଅନସର, ବିଧାୟକଙ୍କ ମିଡିଆ ସଂଯୋଜକ ଧୀରେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜମି ବିବାଦରୁ ୨ ପରିବାର ମଧ୍ୟରେ ସଂଘର୍ଷ, ୬ ଆହତ

ତିହିଡ଼ି,୧୬।୭ (ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ପଞ୍ଚାୟତର ମୋଡ଼ସାହି ଗ୍ରାମରେ ରବିବାର ସକାଳେ ଜମିଜମାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭର ପକ୍ଷରୁ ୬ଜଣ ଆହତ ହୋଇଛନ୍ତି। ଉଭୟ ପରିବାର ପକ୍ଷରୁ ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଗ୍ରାମର ଶ୍ୟାମସୁନ୍ଦର ପୃଷ୍ଟି ଓ ନୃସିଂହ ପୃଷ୍ଟିଙ୍କ ପରିବାର ମଧ୍ୟରେ ଜମି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ରବିବାର ସକାଳେ ଏହି କାରଣରୁ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ସଂଘର୍ଷର ରୂପ ନେଇଥିଲା। ଏହି ଗଣ୍ଡଗୋଳରେ ଶ୍ୟାମସୁନ୍ଦରଙ୍କ ସ୍ତ୍ରୀ ବାସନ୍ତୀଲତା, ପୁଅ ସଞ୍ଜୟ ଓ ବୋହୂ ଲକ୍ଷ୍ମୀପ୍ରିୟା, ନୃସିଂହଙ୍କ ସ୍ତ୍ରୀ ସତ୍ୟଭାମାଙ୍କ ସମେତ ପରିବାରର କାଞ୍ଚନ ଓ ରଘୁନାଥ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

### ଗୁରୁଭକ୍ତିର ନିଦର୍ଶନ ଦେଲେ ପୁରାତନ ଛାତ୍ର



ତାଳଚେରରୁ ଆସିଥିବା ପୁରାତନ ଛାତ୍ରୀଛାତ୍ର ଏବଂ ନିଜ ପିଲାଦିନର ସାଥୀଙ୍କ ଗହଣରେ ବିଦାୟୀ ଶିକ୍ଷକ।

ଖଇରା,୧୬।୭(ଉତ୍କଳବନ୍ଧୁ ପଣ୍ଡା)

ଅବକ୍ଷୟମୁଖୀ ସମାଜରେ ଗୁରୁ-ଶିଷ୍ୟ ପରମ୍ପରାରେ ଫାଟ ଦେଖିବାକୁ ମିଳୁଛି । ହେଲେ ନିଆରା ଗୁରୁଭକ୍ତି ଦେଖାଇଛନ୍ତି ଅନୁଗୋଳ ଜିଲା ତାଳଚେର ବ୍ଲକ ଅଧୀନ ଲିଙ୍ଗରକଟା ବିଦ୍ୟାଳୟର ପୁରାତନ ଛାତ୍ର ଓ ସ୍ଥାନୀୟ ଗ୍ରାମବାସୀ । ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ଗ୍ରାମର ବସନ୍ତ କୁମାର ନାୟକ ୧୯୯୩ ମସିହାରେ ଭିଟାମାଟିକୁ ଛାଡି ଲିଙ୍ଗରପଟା ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ କରିଥିଲେ । ୩୦ବର୍ଷ ଧରି କେବଳ ଶିକ୍ଷାଦାନ ନୁହେଁ ଛାତ୍ରୀଛାତ୍ରଙ୍କୁ ନାଚଗୀତ ଶିଖାଇବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ମିଶି କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ନିଜକୁ ସାମିଲ କରିଥିଲେ। ଯାହାର ପରିଣାମସ୍ୱରୂପ ଜୁନ୍ ୩୦ତାରିଖରେ ଅବସର ଗ୍ରହଣ କରିବା ପରେ ପୁରାତନ ଛାତ୍ରୀଛାତ୍ରଙ୍କ ଓ ଗ୍ରାମବାସୀଙ୍କ ତରଫରୁ ବିଦ୍ୟାଳୟ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେମାନଙ୍କର ଗୁରୁଭକ୍ତି ସେତିକିରେ ସୀମିତ ହୋଇ ନ ଥିଲା। ଶେଷରେ ରବିବାର ପୁରାତନ ଛାତ୍ର ଓ ଗ୍ରାମବାସୀ ସାର୍‌ଙ୍କ ସହ ଏକ ବସ୍ ଯୋଗେ ତାଳଚେରରୁ ଖଇରା ଛାଡିବାକୁ ଆସିଥିଲେ। ଖଇରାରେ ପହଞ୍ଚିବା ପରେ ପିଲାଦିନର ସାଥୀ ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥି, ଲକ୍ଷ୍ମୀଧର ପଣ୍ଡା, ରତ୍ନାକର ବିଶ୍ୱାଳ ଓ ରମାକାନ୍ତ ଶତପଥି ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ଗଛ ଲଗାଇ ବାଣ୍ଟିଲେ ସଚେତନତା ବାର୍ତ୍ତା

ଚମ୍ପୁଆ, ୧୬।୭(ମହେଶ୍ୱର ଦାସ)



ବୃକ୍ଷ ହିଁ ଭବିଷ୍ୟତର ପ୍ରକୃତ ବନ୍ଧୁ। ସବୁଜ ପୃଥିବୀ ପାଇଁ ଚାରାରୋପଣ ଏକାନ୍ତ ଅପରିହାର୍ଯ୍ୟ ବୋଲି କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅଧୀନ ରଜିଆ ପଞ୍ଚାୟତର ବୟସର ଅପରାହ୍ନରେ ପହଞ୍ଚିଥିବା ବୃଦ୍ଧମାନେ ପ୍ରମାଣ କରି ଦେଖାଇଛନ୍ତି। ନିଜ ପାଇଁ ନୁହେଁ, ଜନ ମାନସର ଭବିଷ୍ୟତ ପାଇଁ ନିଜ ଅଞ୍ଚଳରେ ବିଭିନ୍ନ ପ୍ରକାର ଚାରାରୋପଣ କରି ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ରଜିଆ ପଞ୍ଚାୟତର ଅସନବାହାଳିଠାରେ ରବିବାର ସ୍ଥାନୀୟ ଅଞ୍ଚଳର ବୃଦ୍ଧମାନେ ଏକଜୁଟ ହୋଇ ଗଛ ଲଗାଇଛନ୍ତି। ଏ ବୟସରେ ଚାରାରୋପଣ ଆମ ପାଇଁ ନୁହେଁ, ଆମ ପର ପିଢ଼ିର ସୁରକ୍ଷା ଲାଗି କରାଯାଉଥିବା ସେମାନେ କହିଥିଲେ। ବଞ୍ଚିଥିବା ପର୍ଯ୍ୟନ୍ତ ଏହି ଗଛଗୁଡ଼ିକୁ ବଞ୍ଚାଇବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯିବ ବୋଲି କହିଛନ୍ତି। ସ୍ଥାନୀୟ ଯୁବଗୋଷ୍ଠୀ ସେମାନଙ୍କୁ ସହାୟତା କରିଥିଲେ।

### ବ୍ଲକ ପ୍ରଶାସନ ପକ୍ଷରୁ ସଫେଇ

ଖଇରା, ୧୬।୭(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ଜଳ ଓ ପରିମଳ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ସକାଳେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ବିଡିଓ ଉତ୍ତମ କୁମାର ଜେନା, ଉପାଧ୍ୟକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା ପ୍ରମୁଖ ଝାଡୁ ଧରି ବ୍ଲକ ପରିସରରେ ପଡିଥିବା ଆବର୍ଜନା ସଫା କରି ବ୍ଲକର ୩୭ ପଞ୍ଚାୟତକୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। ବିପିଏମ ନିହାର ରଞ୍ଜନ ଜେନା, ସହକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ ଓ ବିଆରସି ବିଭୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ତୃଣମୂଳ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ

ନୀଳଗିରି, ୧୬।୭(ପ୍ରଶାନ୍ତ ବିଶ୍ୱାଳ)



କର୍ମୀଙ୍କ ସହ ବିଧାୟକ ସୁକାନ୍ତ ନାୟକ ଟିଫିନ କରୁଛନ୍ତି।

୨୦୨୪ ଲୋକସଭା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ନୀଳଗିରି ଭାଜପା ପକ୍ଷରୁ ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପୂର୍ବରୁ 'ଚାଏ ପେ' ଚର୍ଚ୍ଚା ବୈଠକ ହେଉଥିବା ବେଳେ ରବିବାର 'ଟିଫିନ୍ ପେ' ଚର୍ଚ୍ଚା ନାମରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଉପଲବ୍ଧିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯିବା ପାଇଁ ଏକ ନିଆରା ପ୍ରୟାସ ସହ ତୃଣମୂଳ ସ୍ତରରେ ସଙ୍ଗଠନକୁ ଅଧିକ ସଦୃଢ଼ କରିବା ଉଦ୍ଦେଶ୍ୟରେ ବୈଠକ ଅନୁଷ୍ଠିତ ହୋଇଥିଲା। ମଝିରେ କିଛି ସମୟ ପାଇଁ ଟିଫିନ୍ ବ୍ୟବସ୍ଥା ହୋଇଥିଲା। ଏଭଳି ବୈଠକ କରିବାକୁ ଭାଜପା ତରଫରୁ ଦଳର ସମସ୍ତ ଏମ୍‌ପି ଓ ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉପେନ୍ଦ୍ର ଦାସ, ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଅକ୍ଷୟ ବେହେରା, ଦେବାଶିଷ ଆଚାର୍ଯ୍ୟ, ନିବାସୀସ ଦ୍ୱିବେଦୀଙ୍କ ସହିତ ବିଭିନ୍ନ ପଞ୍ଚାୟତରୁ ଭାଜପା ଦଳରୁ ନିର୍ବାଚିତ ହୋଇଥିବା ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ଆର୍‌ଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟରୁ ପୁରୁଣା ଯନ୍ତ୍ରାଂଶ ନେଉଥିବା ଭ୍ୟାନ୍ ଜବତ



ଯନ୍ତ୍ରାଂଶ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ସ୍ଥାନୀୟ ଲୋକ ଅଟକାଇଛନ୍ତି।

- ବିକ୍ରି ପାଇଁ ନିଆଯାଉଥିଲା, ଅଟକାଇଲେ ଲୋକେ
- ଗାଡ଼ି ଚାଳକ ଗିରଫ

ଚାନ୍ଦବାଲି,୧୬।୭ (କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗ କାର୍ଯ୍ୟାଳୟରେ ଥିବା ଲକ୍ଷାଧିକ ଟଙ୍କାର ପୁରୁଣା ଯନ୍ତ୍ରାଂଶ ବୋଝେଇ କରି ନେଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ରବିବାର ସ୍ଥାନୀୟ ଲୋକେ ଅଟକାଇ ପୋଲିସ ଜିମା ଦେଇଛନ୍ତି। ପୋଲିସ ପହଞ୍ଚି ଉକ୍ତ ଭ୍ୟାନ୍‌କୁ ଜବତ କରି ଥାନାକୁ ନେଇ ତଦନ୍ତ ଆରମ୍ଭ କରିଛି। ବିଭାଗର କିଛି କର୍ମଚାରୀ ଏହି ଯନ୍ତ୍ରାଂଶ ନେବାକୁ ଡାକିଥିଲେ ବୋଲି ଭ୍ୟାନ୍ ଚାଳକ କହିଛନ୍ତି। ଏନେଇ ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୨୧୭/୨୩) ରୁଜୁ କରାଯାଇଛି। ଏହି ଘଟଣାରେ ପୋଲିସ ଭ୍ୟାନ୍ ଚାଳକ ଯାଜପୁର ଜିଲା ସୁକିନ୍ଦାର ରମଣ ରଞ୍ଜନ ସାହୁଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ସକାଳେ ପୁରୁଣା ଯନ୍ତ୍ରାଂଶଗୁଡ଼ିକୁ ଉକ୍ତ ଭ୍ୟାନ୍ ଯୋଗେ ମତୋ ଅଞ୍ଚଳର ଏକ କବାଡ଼ିଖାନାକୁ ନିଆଯାଉଥିଲା। ଖବରପାଇ ସ୍ଥାନୀୟ ଲୋକେ ଚାନ୍ଦବାଲି କାଳୀମନ୍ଦିର ନିକଟରେ ଗାଡ଼ିକୁ ଅଟକାଇ ପୋଲିସକୁ ଜଣାଇଥିଲେ। ବିଭାଗ ଅଧିକାରୀଙ୍କ ଅନୁପସ୍ଥିତିରେ ଯନ୍ତ୍ରାଂଶ ବିକ୍ରି ପାଇଁ ନିଆଯାଉଥିଲା ବୋଲି ଜଣାପଡ଼ିଛି। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ପରେ ବିଡିଓ ଜ୍ୟୋତିବିକାଶ ଦାଶ କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ସନାତନ ସିଂ କହିଛନ୍ତି, ରବିବାର ଥିବାରୁ ଅଫିସ୍ ଛୁଟି ଥିଲା। ପୋଲିସଠାରୁ ଖବର ପାଇ ପହଞ୍ଚିବା ପରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ଭୁଶୁଡ଼ିଲା ନିର୍ମାଣାଧୀନ ପାର୍କର ପାଚେରି

**ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ**

ବାସୁଦେବପୁର, ୧୬।୭ (ନାରାୟଣ ପ୍ରସାଦ ବାରିକ୍)



ଭୁଶୁଡ଼ି ପଡ଼ିଥିବା ପାଚେରି।

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୨୧ ନଂ. ୱାର୍ଡ ବଂଶୀପାଟଣା ଗ୍ରାମରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ନିର୍ମାଣାଧୀନ ଏକ ପାର୍କର ଉତ୍ତରପାଖ ପାଚେରି ଶନିବାର ବର୍ଷାରେ ଭୁଶୁଡ଼ି ପଡ଼ିଛି। ଏହି ଯୋଜନାକୁ ସହରାଞ୍ଚଳରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ମହିଳା ଗୋଷ୍ଠୀଙ୍କ ମାଧ୍ୟମରେ ପାର୍କ ପାଇଁ ମାଟିପୋତା କାର୍ଯ୍ୟ ସହ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରକଳ୍ପ କାର୍ଯ୍ୟର ତଦାରଖ ଅଭାବ ସହ ନିମ୍ନମାନର କାର୍ଯ୍ୟ ଯୋଗୁ ଲଗାଣ ବର୍ଷା ସହ ମାଟି ଦବିଯିବାରୁ ଏହି ପାର୍କର ପାଚେରି ପ୍ରାୟ ୫୦ ଫୁଟ୍ ମାଟିରେ ମିଶିଯାଇଛି। ଯନ୍ତ୍ରୀଙ୍କ ତଦାରଖ ଅଭାବରୁ ପାଚେରି ଭୁଶୁଡ଼ି ପଡ଼ିଥିବା ସାଧାରଣରେ ଅଭିଯୋଗ ହେଉଥିବା ବେଳେ ପ୍ରକଳ୍ପର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି।

ଏନେଇ ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟଙ୍କୁ ପଚାରିବାରୁ ଅତ୍ୟଧିକ ବର୍ଷା ସହ କେତେକ ବୈଷୟିକ ତ୍ରୁଟି ପାଇଁ ଏପରି ଘଟିଛି ବୋଲି ସ୍ୱୀକାର କରିବା ସହ ଘଟଣାର ଅନୁସନ୍ଧାନ କରାଯାଉଛି ବୋଲି କହିଛନ୍ତି। ଅପରପକ୍ଷେ ମୁକ୍ତା ଯୋଜନା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନକୁ ସୁପରିଚାଳନା ପାଇଁ ନିଯୁକ୍ତିପ୍ରାପ୍ତ ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରୀୟ ତଦାରଖ ଅଭାବରୁ ଏଭଳି ଘଟଣା ଘଟୁଛି ବୋଲି ଅଭିଯୋଗ ହେବା ସହ ଏହାର ତଦନ୍ତ ଓ କ୍ଷେତ୍ରୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ସାପ କାମୁଡ଼ାରେ ମା' ମୃତ, ପୁଅ ଗୁରୁତର

ପାଟଣା, ୧୬।୭ (ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଟାଙ୍ଗରପଡ଼ା ପଞ୍ଚାୟତ ବ୍ରାହ୍ମଣୀ ଦେଓ ଗ୍ରାମ ନାଏକ ସାହିରେ ଶନିବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ମା'ଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ବର୍ଷର ପୁଅ ଗୁରୁତର ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ଜୈମିନୀ ନାଏକ(୩୫)। ଶିଶୁପୁତ୍ର ମାନସଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ମା' ପୁଅ ଘର ଚଟାଣରେ ଶୋଇଥିବା ବେଳେ ଉଭୟଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଉଭୟଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଜୈମିନୀଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୩) ରୁଜୁ ହୋଇଛି।

# କସିପଦା ପଞ୍ଚାୟତ ହାଇସ୍କୁଲ ଶିକ୍ଷକ ଶୂନ

- ପଢୁଛନ୍ତି ୨୨୮ ଛାତ୍ରୀଛାତ୍ର
- ସରକାରଙ୍କ ୫-ଟି ଯୋଜନା ପ୍ରହସନ
- ପିଲାଙ୍କ ଭବିଷ୍ୟତ ସହ ଖେଳ

ରୂପସା, ୧୬।୭ (ବାଞ୍ଛାନିଧି ଦେ)



ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର।

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅଧୀନ କସିପଦା ପଞ୍ଚାୟତ ହାଇସ୍କୁଲ ଏବେ ଦୁର୍ଦ୍ଦିନରେ ଗତି କରୁଛି। ଚଳିତ ଶିକ୍ଷାବର୍ଷରେ ଅଷ୍ଟମରୁ ଦଶମ ଶ୍ରେଣୀରେ ୨୨୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ କୌଣସି ଶିକ୍ଷକ ନ ଥିବା ଘଟଣା ଶିକ୍ଷା ବିଭାଗର ଅପାରଗତାକୁ ପଦାରେ ପକାଇଛି। କେବଳ ୨ଜଣ ପିଅନରେ ବିଦ୍ୟାଳୟ ଚାଲୁଥିବାରୁ ପିଲାଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଏହି ବିଦ୍ୟାଳୟ ୫-ଟି ଯୋଜନାରେ ସାମିଲ ହୋଇ କେବଳ ଉପରେ ଚକ୍‌ଚକ୍ ସ୍କୁଲ ଗୃହ ଦେଖାଯାଉଥିବା ବେଳେ ପାଠପଢ଼ା ଠପ୍ ହୋଇଥିବାରୁ ଭିତରେ ଫମ୍ପା ସଦୃଶ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ସ୍କୁଲ ରାଜ୍ୟର ପ୍ରଥମ ଶିକ୍ଷକ ଶୂନ ସ୍କୁଲ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

ଏହି ବିଦ୍ୟାଳୟ ୧୯୮୦ରେ ସ୍ଥାପିତ ହୋଇ ରାଜ୍ୟ ସରକାରଙ୍କ ପୂର୍ଣ୍ଣ ଅନୁଦାନପ୍ରାପ୍ତ ୬୧୦ ସ୍କିମ୍‌ରେ ଅନ୍ତର୍ଭୁକ୍ତ ହୋଇଥିଲା। ପ୍ରତିବର୍ଷ ଦଶମ ଶ୍ରେଣୀରେ ଛାତ୍ରୀଛାତ୍ର ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ରେକର୍ଡ଼ ରହିଛି। ୨୦୧୭ରୁ ୨୦୨୩ ଜୁନ୍ ମଧ୍ୟରେ କାର୍ଯ୍ୟରତ ୨ଜଣ ବିଜ୍ଞାନ ଶିକ୍ଷକ, ୩ ଜଣ କଳା ଶିକ୍ଷକ, ଜଣେ ସଂସ୍କୃତ ଶିକ୍ଷକ, ଜଣେ ହିନ୍ଦୀ ଶିକ୍ଷକ ଓ ଜଣେ କ୍ରୀଡ଼ା ଶିକ୍ଷକ ଅବସର ଗ୍ରହଣ କରିସାରିଛନ୍ତି। ଗତ ଜୁନ୍ ୩୦ ତାରିଖରେ ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା ଅବସର ଗ୍ରହଣ କରିଥିଲେ। ୭ବର୍ଷ ମଧ୍ୟରେ ଶିକ୍ଷା ବିଭାଗ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ନ ଦେବା ଅତ୍ୟନ୍ତ ପରିତାପର ବିଷୟ। ବିଦ୍ୟାଳୟ ୨୦୨୨-୨୩ ବର୍ଷରେ ୫-ଟି ଯୋଜନାର ତୃତୀୟ ପର୍ଯ୍ୟାୟରେ ସାମିଲ ହୋଇ ସଦର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି। ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ପୂର୍ବତନ ପ୍ରଧାନଶିକ୍ଷକ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ, ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସମସ୍ୟା ନେଇ ବାରମ୍ବାର ଅବଗତ କରିଥିଲେ ହେଁ ଏଯାବତ୍ କୌଣସି ସୁଫଳ ମିଳିନାହିଁ। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗତ ଜୁନ୍‌ରେ ଲିଖିତ ଅଭିଯୋଗ କରାଯାଇଥିଲା। ଜିଲାପାଳ ଏହି ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ବିଦ୍ୟାଳୟର ୩ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ କାମଚଳା ପାଇଁ ଉକ୍ତ ବିଦ୍ୟାଳୟରେ କ୍ଲାସ ନେବାକୁ ଜିଲା ଶିକ୍ଷାଧିକାରୀ ପତ୍ର ମାଧ୍ୟମରେ ଆଦେଶ ଦେଇଥିଲେ। ୨ଜଣ ଶିକ୍ଷକ ଉକ୍ତ ଆଦେଶକୁ ବେଖାତିର୍ କରିଥିବା ବେଳେ ଜଣେ ଶିକ୍ଷକ ସପ୍ତାହରେ ୩ଦିନ ଓ ଜଣେ ଶିକ୍ଷୟିତ୍ରୀ ସପ୍ତାହରେ ୬ଦିନ କ୍ଲାସ ନେଉଛନ୍ତି। ସ୍ଥାୟୀ ଶିକ୍ଷକ ନିଯୁକ୍ତି ହେଉ ନ ଥିବାରୁ ନିୟମିତ ପ୍ରତ୍ୟେକ ବିଷୟରେ ପାଠପଢ଼ା ହେଉ ନ ଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ଦେଖାଦେଇଛି। ଏପରିକି ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ହେଲେ ମଧ୍ୟାହ୍ନଭୋଜନ ପରିଚାଳନା, ପିଲାଙ୍କୁ ସାଇକେଲ ବିତରଣ, ପୋଷାକ ବଣ୍ଟନ, ଫର୍ମ ପୂରଣ, ଅଫିସ୍ ପରିଚାଳନା ଆଦିରେ ବ୍ୟାଘାତ ସୃଷ୍ଟି ହେବା ସୁନିଶ୍ଚିତ। ତୁରନ୍ତ ସମସ୍ତ ବିଭାଗର ଶିକ୍ଷକ ନିଯୁକ୍ତି କରା ନ ଗଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ସୁନୀଲ


@ପୂଜା


@ପ୍ରସନ୍ନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ପାଇଁ ପ୍ରସ୍ତୁତି ବୈଠକ

ବଡ଼ସାହି, ୧୬।୭ (ସମ୍ବିତ କୁମାର ରାଉତ): ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଯୋଗୀନୂଆଗାଁରେ ଚାରାରୋପଣ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକ୍ରମର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ପଥରା, ଯୋଗୀନୂଆଗାଁ, କଇଁଫୁଲିଆ, ବଉନା, ଡିଙ୍ଗିରା ଓ ବାରିହାପାଳ ଗ୍ରାମରୁ ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ। ଦୀପକ ପାତ୍ର ଫ୍ୟାନ କ୍ଲବ୍‌ର ସଂଯୋଜକ ମନୋଜ କୁମାର ମହାନ୍ତଙ୍କ ଅଧକ୍ଷତାରେ ସାମାଜିକକର୍ମୀ ଶିକ୍ଷକ ଦୀପକ କୁମାର ପାତ୍ରଙ୍କ ସେବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ବାବଦରେ ଆଲୋଚନା ହୋଇଥିଲା। ଅଞ୍ଚଳର ଛୋଟ ସମସ୍ୟାକୁ ସାମୁହିକ ପ୍ରୟାସରେ ସମାଧାନ କରିବା ପାଇଁ ସମସ୍ତେ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଦୀପକ ପାତ୍ର ଫ୍ୟାନ କ୍ଲବ୍ ସହଯୋଗରେ କଇଁଫୁଲିଆଠାରେ ଏକ ଷ୍ଟ୍ରିଟ ଲାଇଟ ସ୍ଥାପନ ହୋଇଥିବାରୁ ଗ୍ରାମବାସୀ ଦୀପକ ପାତ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଯୋଗୀନୂଆଗାଁ ଗ୍ରାମର ଝୁମର ଶହୀଦ ବାବୁରାମ ମହାନ୍ତଙ୍କର ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦାନ କରି ଝୁମର କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଭରତ ଚନ୍ଦ୍ର ମହାନ୍ତ, ଲକ୍ଷ୍ମଣ ମହାନ୍ତ, ତରଣୀସେନ ମହାନ୍ତ, ସାଇବା ସରେନ, ପିରୁ ମୁର୍ମୁ, ଭୁଟ ନାଏକ, ରମାକାନ୍ତ ମହାନ୍ତ, ପପୁ ବାରିକ, ଭାନୁ ମହାନ୍ତ, ଛତିଶ ନାଏକ, ମାନସ ନାଏକ, ନିରୁ ମହାନ୍ତ, ଡିସ୍କୋ ନାଏକ, ମଙ୍ଗଲ ମୁର୍ମୁ, ଯଶୋଦା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ସହରାଞ୍ଚଳ ଭୂମିହୀନଙ୍କ ଲାଗି ଜାଗାମିଶନର ଜନଶୁଣାଣି


ଜଳେଶ୍ୱର ମ୍ୟୁନିସିପାଲିଟି ପକ୍ଷରୁ ଆୟୋଜିତ ଜନଶୁଣାଣି।

ଜଳେଶ୍ୱର, ୧୬।୭ (ରବିନାରାୟଣ ପାତ୍ର)

ଏଣିକି ସରକାର ଭୂମିହୀନ ଓ ବାସହୀନଙ୍କ ଲାଗି ଜାଗା ମିଶନରେ ଜମିପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଗୃହ ଯୋଗାଇ ଦେବା ଲାଗି ଅଣ୍ଟା ଭିଡିଛନ୍ତି। ସହରାଞ୍ଚଳର ବିଭିନ୍ନ ସରକାରୀ ଓ ଅସ୍ୱାସ୍ଥ୍ୟକର ପରିବେଶରେ ବିପଦପୂର୍ଣ୍ଣ ଅବସ୍ଥାରେ ଜବରଦଖଲ କରି ରହୁଥିବା ଲୋକଙ୍କୁ ଜମିପଟ୍ଟା ସହିତ ସେମାନଙ୍କ ଲାଗି ଗୃହ ନିର୍ମାଣ କରାଯାଉଥିବା ବେଳେ ତାହା କେତେକାଂଶରେ ସଫଳ ହୋଇପାରୁନାହିଁ। ସେମାନଙ୍କ ମଧ୍ୟରୁ କିଛି ଲୋକ ଜବରଦଖଲରେ ରହୁଥିବା ସ୍ଥାନରୁ ଯୋଗାଇ ଦିଆଯାଉଥିବା ସ୍ଥାନକୁ ନ ଯିବା କିମ୍ବା ସେମାନଙ୍କୁ ପଟ୍ଟା ଯୋଗାଇବାରେ କେତେକ ଅସୁବିଧା ଥିବାରୁ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଏ ସମ୍ପର୍କରେ ରବିବାର ଜଳେଶ୍ୱର ମ୍ୟୁନିସିପାଲିଟି ପକ୍ଷରୁ ଆଲୋଚନା ଓ ଜନଶୁଣାଣି କରାଯାଇଥିଲା। ମୁରଲୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଜନଶୁଣାଣିରେ ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ଅଧକ୍ଷତା କରିଥିଲେ। ରାଜ୍ୟ ଜାଗା ମିଶନର ଉପଦେଷ୍ଟା ଶାଶ୍ୱତୀ ମିଶ୍ର ଯୋଗଦେଇ ସରକାରଙ୍କର ଏପରି ଯୋଜନାର ଲାଭ ଉଠାଇବାକୁ କହିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଭୂମିହୀନଙ୍କୁ ପଟ୍ଟା ଦିଆଯିବାରୁ ଏହାକୁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ପୌରପରିଷଦର ୯ନଂ. ୱାର୍ଡରୁ ମୋଟ ୧୫୪ ପରିବାରଙ୍କୁ ପଟ୍ଟା ଯୋଗାଇବା ଲାଗି ଡାପୁଆର ଏସ୍‌ଡିଏ ସଭାପତି ଭାନୁ ସିଂ, ସମ୍ପାଦକ ବିଦନ୍ତା ସିଂ, ଗେଟବଜାର ସଭାପତି ସଞ୍ଜୟ ବିନ୍ଧାଣୀ, ସମ୍ପାଦକ କାହ୍ନୁ ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ରଶ୍ମିତା ନନ୍ଦୀ, ପୁଷ୍ପପ୍ରିୟା କାମିଲା, ସୂରଜ ଚୌରାସିଆ, ଚନ୍ଦନ ଦାସ, ଆବାସ ଅଲ୍ଲୀ, ଚିତ୍ତରଞ୍ଜନ ମହାନ୍ତି, ଗୋବିନ୍ଦ ସାହୁ, ସତ୍ୟବତୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚୁବିଷାରୁ ପଞ୍ଚୁଲିଙ୍ଗେଶ୍ୱର ଗଲେ ୨ଶହ କାଉଡିଆ

ବାହାନଗା, ୧୬।୭ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତର ରୂପଖଣ୍ଡ ଗ୍ରାମସ୍ଥିତ ପଞ୍ଚୁବିଷା ନିକଟରୁ ୨ଶହ କାଉଡିଆ ଜଳଭାର ନେଇ ପଞ୍ଚୁଲିଙ୍ଗେଶ୍ୱର ଶୈବପୀଠକୁ ଯାଇଛନ୍ତି। ପଞ୍ଚୁବିଷା ନଈରୁ ରୂପଖଣ୍ଡ, ବରଜଦ୍ୱେଲି, ଆରୁହାବାଡ, ବରିପଦା, ବିଷ୍ଣୁପୁର, ଅଭଣା, ଖରାସାହାପୁର ଆଦି ଗ୍ରାମରୁ ମହିଳା, ପୁରୁଷ, ଯୁବକ, ଛୋଟଛୋଟ ପିଲାମାନେ ଶ୍ରାବଣ ମାସର ପ୍ରଥମ ସୋମବାର ଜଳଭାର ଧରି ପଞ୍ଚୁଲିଙ୍ଗେଶ୍ୱର ଶୈବପୀଠକୁ ଯାଉଛନ୍ତି । ଏହି ୨ଶହ କାଉଡିଆମାନଙ୍କର ରାସ୍ତାରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଗ୍ରାମର ଯୁବକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଯୁବକମାନେ ସହାୟତା କରିଥାନ୍ତି। ରାସ୍ତାରେ ମଧ୍ୟ ରହଣି ବ୍ୟବସ୍ଥା କରିଥାନ୍ତି। ଯେଉଁମାନେ ଚାଲି ନ ପାରନ୍ତି ସେମାନଙ୍କୁ ସହଯୋଗ କରିବା ସହିତ ଚିକିତ୍ସା କରାଇଥାନ୍ତି। ରୂପଖଣ୍ଡ ଗ୍ରାମର ଭୋଲେବାବା ଅନୁଷ୍ଠାନ ପକ୍ଷରୁ ଦୀର୍ଘ ୨୫ବର୍ଷ ଧରି କାଉଡିଆମାନଙ୍କୁ ସହାୟତା ଯୋଗାଇ ଆସୁଛନ୍ତି। ଏଥିରେ ଦେବେନ୍ଦ୍ର ମଳିକ, ସଦାନନ୍ଦ ନାୟକ, ଲମ୍ବୋଧର ବେହେରା, ପ୍ରଭାକର ପରିଡା, ନନ୍ଦି ସାର୍ ପ୍ରମୁଖ ସହାୟତା କରିଥାନ୍ତି ।

## ୧୮ ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ


ମେଧାବୀ ଅଭିନନ୍ଦନ ସମାରୋହରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଧାମନଗର, ୧୬।୭ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଧୂଷୁରୀ ପୂଜ୍ୟପୂଜା ସଂସଦ ସଭାଗୃହଠାରେ ବ୍ଲକସ୍ତରୀୟ ମେଧାବୀ ଅଭିନନ୍ଦନ ସମାରୋହ-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ସଂସଦର ଉପସଭାପତି ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଓ ମୁଖ୍ୟବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର ଡ. କମଳାକାନ୍ତ ଜେନା ଯୋଗଦେଇ ମାତାପିତା ଓ ଗୁରୁଙ୍କୁ ସମ୍ମାନ ଦେଲେ ଜୀବନରେ ଉତ୍ତମ ମଣିଷ ହୋଇପାରିବ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଡାକ୍ତର ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସରପଞ୍ଚ ପ୍ରତିନିଧି ଉମେଶ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ସାମଲ, ଡା. ଗିରିଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ଲକର ବିଭିନ୍ନ ହାଇସ୍କୁଲର ୧୮ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ସହ ସେମାନଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ସ୍ୱାଗତ ଭାଷଣ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ସୁତାର ଅତିଥି ପରିଚୟ ଏବଂ ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସଦସ୍ୟ ସନ୍ଦୀପ ସ୍ୱାଇଁ, କିଷାନ ରାଉତ, ପ୍ରଦୀପ ମହାପାତ୍ର, ନିରଞ୍ଜନ ପ୍ରଧାନ, ଶାନ୍ତନୁ ସାହୁ, ସଞ୍ଜୟ ହୋତା ପ୍ରମୁଖ ପରିଚାଳନା କରିଥିଲେ।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଆଦିବାସୀ

କେନ୍ଦୁଝର, ୧୬।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅଧୀନ ରାଇସୁଆଁ ପଞ୍ଚାୟତର ହର୍ଷପୁର ଗ୍ରାମରେ ସରକାରୀ ଜମିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଏନେଇ ଥାନାରୁ ନ୍ୟାୟ ନ ମିଳିବାରୁ ରବିବାର ସ୍ଥାନୀୟ ଆଦିବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମର ଏକ ସରକାରୀ ଜମିକୁ କେତେଜଣ ଆଦିବାସୀ ଦୀର୍ଘ ବର୍ଷ ହେଲା ଦଖଲ କରି ଆସୁଛନ୍ତି। ଉକ୍ତ ଜମିକୁ ଲାଗିଥିବା ପ୍ରାୟ ୧ ଏକର ୫୫ ଡିସିମିଲ ପରିମିତ ଜମି ଜଙ୍ଗଲ କିସମ ଥିବାବେଳେ ଏହା ସେନା କର୍ମଚାରୀଙ୍କ ପାଇଁ ସଂରକ୍ଷିତ ଅଛି। ତେବେ ଉକ୍ତ ଜମିକୁ ସ୍ଥାନୀୟ ଏକ ପ୍ରଭାବଶାଳୀ ପରିବାର ଜବରଦଖଲ କରିଥିବାରୁ ଆଦିବାସୀମାନେ ବିରୋଧ କରିଛନ୍ତି। ଜବରଦଖଲ କରିଥିବା ପରିବାରର ଲୋକେ ଗତ ୧୦ ତାରିଖରେ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଆଦିବାସୀମାନେ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ନ ମିଳିବାରୁ ବାଧ୍ୟ ହୋଇ ରବିବାର ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ଡାକ୍ତର ମୁଣ୍ଡା, ବାପି ମୁଣ୍ଡା, ମୁନା ମୁଣ୍ଡା, ଟୁକୁନା ମୁଣ୍ଡା ଓ ନାକୁ ମୁଣ୍ଡା ପ୍ରମୁଖ ଏସପିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଆଦିବାସୀମାନେ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ


ପୋଲିସ ମୃତ ଶିଶୁଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରୁଛି।

- ଡାକ୍ତରଖାନାରେ ହୋହଲ୍ଲା
- ସାପ କାମୁଡ଼ିଥିବା କହୁଛନ୍ତି ପରିବାର ଲୋକେ
- ଖାଦ୍ୟ ବିଷକ୍ରିୟାରୁ ମୃତ୍ୟୁ: ଡାକ୍ତର

ଭଦ୍ରକ, ୧୬।୭ (ସନାତନ ରାଉତ)

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାମରାଇପୁରର ଧନେଶ୍ୱର ବେହେରାଙ୍କ ପୁଅ ସତ୍ୟଜିତ୍(୫)ଙ୍କର ରବିବାର ଅପରାହ୍ନରେ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଡାକ୍ତର ଆସିବାରେ ବିଳମ୍ବ ଯୋଗୁ ଚିକିତ୍ସା ଅବହେଳାରୁ ତାଙ୍କ ପୁଅର ମୃତ୍ୟୁ ଘଟିଥିବା ମା' ଗାୟତ୍ରୀ ବେହେରା ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସତ୍ୟଜିତ୍ ଅପରାହ୍ନ ୨ଟାରେ ଘରେ ଖାଇସାରି ଧୋଇ ହେବାକୁ ଯାଉଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସେମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ପରେ ସେଠାରେ ପ୍ରାଥମିକ ଚିକିତ୍ସା କରି ଗେଲପୁରସ୍ଥିତ ନୂଆ ଶିଶୁ ଓ ମାତୃ ବିଭାଗ ମେଡିକାଲକୁ ନେବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ ବହୁ ସମୟ ପର୍ଯ୍ୟନ୍ତ ଡାକ୍ତର ଆସି ନ ଥିଲେ। ବିଳମ୍ବରେ ଡାକ୍ତର ପହଞ୍ଚି ସତ୍ୟଜିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ତାଙ୍କ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ହୋହଲ୍ଲା କରିଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଅପରପକ୍ଷେ ଏନେଇ ଡା. ବିଦିଶା ପଣ୍ଡା କହିଛନ୍ତି, ପିଲା ଯେତେବେଳେ ମେଡିକାଲକୁ ଆସିଲା, କୌଣସି ଲକ୍ଷଣ ଜଣାପଡ଼ି ନ ଥିଲା। ତା'ର ରକ୍ତ ପରୀକ୍ଷା କରାଯାଇଥିଲା। ସେ ଘରେ ମାଛଭାତ ଖାଇଥିବା ବେଳେ ପରେ ମା'ଠାରୁ କ୍ଷୀର ଖାଇଥିଲା। ଏଥିରେ ବାନ୍ତି ହେବା ସହ ଖାଦ୍ୟ ବିଷକ୍ରିୟାରୁ ଶିଶୁର ମୃତ୍ୟୁ ଘଟିଛି। ତେବେ ଶିଶୁର ଜେଜେବାପା ଜଗବନ୍ଧୁ ବେହେରାଙ୍କ ଏତଲା ପରେ ଗ୍ରାମାଞ୍ଚଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ହୋ ଭାଷାରେ ପ୍ରକାଶ ପାଇଲା 'ନୂଆ ଅରୁଣିମା'

ରାଇରଙ୍ଗପୁର, ୧୬।୭ (ମନୋରଞ୍ଜନ ତିରିଆ)

ଦୀର୍ଘଦିନ ଧରି ହୋ ଭାଷାଭାଷୀ ବହୁଳ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିମନ୍ତେ ହୋ ଭାଷାରେ ସହାୟକ ପୁସ୍ତକ ପ୍ରଚଳନ ନିମନ୍ତେ ଦାବି ହୋଇଆସୁଥିଲା। ଏହାମଧ୍ୟରେ ମାତୃଭାଷା ହୋ ରୂପେ ଚିହ୍ନଟ ହୋଇଥିବା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ପାଇଁ ସହାୟକ ପୁସ୍ତକ 'ନୂଆ ଅରୁଣିମା' ପ୍ରକାଶିତ ହୋଇଛି। ଏହାସହ ହୋ ଭାଷାବହୁଳ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ବହୁଭାଷୀ ଶିକ୍ଷା ବ୍ୟବସ୍ଥାରେ ହୋ ଭାଷାକୁ ସାମିଲ କରାଯିବା ନିମନ୍ତେ ଅଖିଳ ଭାରତ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ହେଉଥିଲା। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପରିଚାଳିତ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାର ୭୦% ପ୍ରତିଶତ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବିଦ୍ୟାଳୟ ନିମନ୍ତେ ହୋ ଶିକ୍ଷକ ଆବଶ୍ୟକତା ନେଇ ଆକଳନ ଆରମ୍ଭ ହୋଇଛି। କିଛିଦିନ ତଳେ ପ୍ରକାଶିତ ସରକାରଙ୍କ ନିର୍ଦ୍ଦେଶନାମାରେ ୧୦ଟି ଆଦିବାସୀ ଭାଷାରେ ଶିକ୍ଷକ ନିଯୁକ୍ତି ପାଇଁ ଉଲ୍ଲେଖ ଥିଲା। ବହୁଭାଷୀ ଶିକ୍ଷା ବ୍ୟବସ୍ଥାରେ ହୋ ଭାଷା ସାମିଲ ହେବାକୁ ଯାଉଛି ବୋଲି ହୋ ଭାଷା କ୍ରିୟାନୁଷ୍ଠାନ କମିଟିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ ତିୟୁ ସୂଚନା ଦେଇଛନ୍ତି।

**ନିଯୁକ୍ତ ହେବେ ବହୁଭାଷୀ ଶିକ୍ଷକ**

